ଏନ୍. ନାଗରାଜା ଇତ୍ୟାଦି

ବନାମ

ବସନ୍ତ କେ. ଗୁଡ଼ୋଦଗି ଏବଂ ଅନ୍ୟମାନେ

ଏପ୍ରିଲ 24, 1990

[ରଙ୍ଗନାଥ ମିଶ୍ର ଏବଂ କେ. ରାମାସ୍ୱାମୀ, ନ୍ୟାୟମୂର୍ତ୍ତିଦ୍ୱୟ]

*ପ୍ରଶାସନିକ ସେବା : କର୍ଣ୍ଣାଟକ ରାଜ୍ୟ ପ୍ରଶାସନିକ ସେବା (ପଦୋନ୍ନତି, ବେତନ ଏବଂ ପେନସନ୍ ନିୟାମକ) ନିୟମ 1973 :*

*ନିୟମ 2 - ପିଛିଲା ପଦୋନ୍ନତି - ଅନୁମୋଦନୀୟ କି ନୁହେଁ ।*

ଆବେଦନକାରୀ ଜଣେ ଅଧ୍ୟାପକ ଭାବେ ରାଜ୍ୟ ସରକାରଙ୍କ ଅଧୀନରେ ସେବାରେ ଯୋଗ ଦେଇଥିଲେ । ପରେ ତାଙ୍କୁ ଯୁବ ସେବା ନିର୍ଦ୍ଦେଶାଳୟରେ ସହକାରୀ ନିର୍ଦ୍ଦେଶକ ଭାବରେ ନିଯୁକ୍ତ କରାଯାଇଥିଲା ଏବଂ ପରବର୍ତ୍ତୀ ସମୟରେ ଉକ୍ତ ପଦବୀରେ ସୁନିଶ୍ଚିତ କରାଯାଇଥିଲା । 27 ମାର୍ଚ୍ଚ, 1978 ରେ, ତାଙ୍କୁ ଅସ୍ଥାୟୀ ଭାବରେ ଛଅ ମାସ ପାଇଁ ଉପ ନିର୍ଦ୍ଦେଶକ ଭାବରେ ପଦୋନ୍ନତି ଦିଆଯାଇଥିଲା ଏବଂ 20 ଡିସେମ୍ବର, 1978 ରେ ଏକ ଆଦେଶ ଦିଆଯାଇଥିଲା ଯାହା ତାଙ୍କୁ 27 ମାର୍ଚ୍ଚ, 1978 ରୁ ନିୟମିତ ଭାବରେ ନିଯୁକ୍ତ କରାଯାଇଥିଲା । ଉତ୍ତରଦାତା ସଂଖ୍ୟା 1 ସିଧାସଳଖ ତା 28.7.1978 ରିଖରେ ଉପ ନିର୍ଦ୍ଦେଶକ ଭାବରେ ନିଯୁକ୍ତ ହୋଇଥିଲେ, ତା 7.8.1978 ରିଖରେ ସେବାରେ ଯୋଗ ଦେଇଥିଲେ ଏବଂ ତା 7.8.1980 ରିଖରେ ତାଙ୍କୁ ସୁନିଶ୍ଚିତ କରାଯାଇଥିଲା ।

1983 ମସିହା ଜାନୁଆରୀ 25 ତାରିଖରେ ପଦକ୍ରମ ତାଲିକାର ଏକ ଚିଠା ପ୍ରକାଶିତ ହୋଇଥିଲା, ଯେଉଁଥିରେ ଆବେଦନକାରୀଙ୍କୁ ଉତ୍ତରଦାତା ସଂଖ୍ୟା 1 ଉପରେ ଦର୍ଶାଯାଇଥିଲା ଏବଂ ସେ ଆବେଦନକାରୀଙ୍କ ଉପରେ ବରିଷ୍ଠତା ଦାବି କରି ଏହି ନିଯୁକ୍ତି ବିରୁଦ୍ଧରେ ନିବେଦନ କରିଥିଲେ । ଏହାକୁ ଗ୍ରହଣ କରାଯାଇ ନଥିଲା, ଏବଂ ଚିଠା ତାଲିକାରେ ଦର୍ଶାଯାଇଥିବା ସ୍ଥିତିକୁ ବଜାୟ ରଖି 14 ସେପ୍ଟେମ୍ବର, 1983 ରେ ଏକ ଚୂଡ଼ାନ୍ତ ପଦକ୍ରମ ତାଲିକା ପ୍ରକାଶିତ ହୋଇଥିଲା ।

ଉତ୍ତରଦାତା ସଂଖ୍ୟା 1 ଉଚ୍ଚ ନ୍ୟାୟାଳୟରେ ଏକ ରିଟ୍ ଆବେଦନ ଦାଖଲ କରିଥିଲେ ଯାହାକୁ ରାଜ୍ୟ ପ୍ରଶାସନିକ ନ୍ୟାୟାଧିକରଣକୁ ସ୍ଥାନାନ୍ତର କରାଯାଇଥିଲା । ନ୍ୟାୟାଧିକରଣ ନିର୍ଣ୍ଣୟ କରିଛନ୍ତି ଯେ ଉତ୍ତରଦାତା ସଂଖ୍ୟା 1 ଆବେଦନକାରୀଙ୍କ ଠାରୁ ବରିଷ୍ଠ ଥିଲେ କାରଣ ଆବେଦନକାରୀଙ୍କ ସପକ୍ଷରେ 27 ମାର୍ଚ୍ଚ, 1978ରେ ପଦୋନ୍ନତି ଏକ ଅସ୍ଥାୟୀ ପଦକ୍ଷେପ ଥିଲା ଏବଂ ଛଅ ମାସର ଅବଧି ସମାପ୍ତ ହେବା ପରେ, ଆବେଦନକାରୀ ପ୍ରକୃତରେ ଉପନିର୍ଦ୍ଦେଶକ ଭାବରେ କାର୍ଯ୍ୟ ଜାରି ରଖି ନଥିଲେ, ଏବଂ ତେଣୁ ସରକାର 20 ଡିସେମ୍ବର 1978 ରେ ଜାରି କରିଥିବା ଆଦେଶରେ ରାଜ୍ୟରେ ପ୍ରଚଳିତ ସ୍ୱତନ୍ତ୍ର ନିୟମକୁ ଦୃଷ୍ଟିରେ ରଖି ନିୟମିତ ଭାବେ ପିଛିଲା ଭାବେ ପଦୋନ୍ନତି ପ୍ରଦାନ କରାଯାଇପାରିବ ନାହିଁ । ତେଣୁ ଆବେଦନକାରୀଙ୍କୁ ଉତ୍ତରଦାତା ସଂଖ୍ୟା 1ଙ୍କ ତଳେ ଦର୍ଶାଇ ବରିଷ୍ଠତା ତାଲିକାର ପୁନଃନିର୍ଦ୍ଧାରଣ ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ ।

ନ୍ୟାୟାଧିକରଣଙ୍କ ଉପରୋକ୍ତ ଆଦେଶ ଦ୍ୱାରା ବ୍ୟଥିତ ହୋଇ ଆବେଦନକାରୀ ତଥା ରାଜ୍ୟ ସରକାର ଏହି ନ୍ୟାୟାଳୟରେ ଆବେଦନ ଦାଖଲ କରିଥିଲେ ।

**ଆବେଦନଗୁଡ଼ିକୁ ଖାରଜ କରି, ଏହି ନ୍ୟାୟାଳୟ,**

**ନିର୍ଣ୍ଣୟ କଲେ : 1. ନ୍ୟାୟାଧିକରଣ ଜାଣିବାକୁ ପାଇଛନ୍ତି ଯେ କର୍ଣ୍ଣାଟକ ରାଜ୍ୟ ପ୍ରଶାସନିକ ସେବା (ପଦୋନ୍ନତି, ବେତନ ଏବଂ ପେନସନ ନିୟାମକ) ନିୟମାବଳୀ, 1973 ଅନୁଯାୟୀ, ନିୟମ 2 ର ବିଭିନ୍ନ ଖଣ୍ଡ ଅନୁଯାୟୀ ପରିସ୍ଥିତି ନ ଆସିଲେ କୌଣସି ପିଛିଲା ପଦୋନ୍ନତି ଗ୍ରହଣୀୟ ନୁହେଁ, ଏବଂ ବର୍ତ୍ତମାନର ମାମଲା ନିୟମ 2 ଦ୍ୱାରା ଅନ୍ତର୍ଭୁକ୍ତ ନୁହେଁ ଏବଂ ତେଣୁ, 22 ଡିସେମ୍ବର, 1978 ର ତା 27.3.1978 ରିଖରୁ ପିଛିଲା ପଦୋନ୍ନତି ପ୍ରଦାନ ଆଦେଶ ନ୍ୟାୟସଙ୍ଗତ ନୁହେଁ ।**

**2. ତା 27.3.78 ରିଖ ଏବଂ ତା 22.12.1978 ରିଖ ମଧ୍ୟରେ ସ୍ଥାନାନ୍ତର ଆଦେଶ ଦେଇ ଆବେଦନକାରୀଙ୍କୁ ଉତ୍ତରଦାତା ସଂଖ୍ୟା 1 ଉପରେ ରଖିବାକୁ ପ୍ରୟାସ କରାଯାଇଥିଲା । ଆବେଦନକାରୀ ସହକାରୀ ନିର୍ଦ୍ଦେଶକ ଭାବରେ ନିଶ୍ଚିତ ହେବା ପରେ ମଧ୍ୟ ଯୁବ କର୍ଣ୍ଣାଟକର ସମ୍ପାଦକ ଥିଲେ ଏବଂ ନ୍ୟାୟାଧିକରଣ ଲିପିବଦ୍ଧ କରିଛନ୍ତି ଯେ ସେ କେବେ ସହକାରୀ ନିର୍ଦ୍ଦେଶକ ଭାବରେ କାର୍ଯ୍ୟ କରିନଥିଲେ । ନ୍ୟାୟାଧିକରଣ ଯେଉଁ ଉପସଂହାରରେ ପହଞ୍ଚିଛନ୍ତି, ତାହାକୁ ଭୁଲ ବୋଲି କୁହାଯାଇପାରିବ ନାହିଁ । ତେଣୁ ତାଙ୍କର ଆଦେଶରେ କୌଣସି ହସ୍ତକ୍ଷେପର ଆବଶ୍ୟକତା ନାହିଁ ।**

**ଦେୱାନୀ ଆବେଦନ ଅଧିକାରିତା : 1988 ର ଦେୱାନୀ ଆବେଦନ ସଂଖ୍ୟା 977 ଏବଂ 978 ।**

**ଆବେଦନ ସଂଖ୍ୟା 4743/1986(T) ରେ କର୍ଣ୍ଣାଟକ ପ୍ରଶାସନିକ ବାଙ୍ଗାଲୋରର ନ୍ୟାୟାଧିକରଣଙ୍କ ତା 17.12.1987 ରିଖର ରାୟ ଏବଂ ଆଦେଶରୁ ।**

**ଉପସ୍ଥିତ ପକ୍ଷଙ୍କ ତରଫରୁ ପି.ପି. ରାଓ, ଆର୍.ବି. ଦାତାର, ଏସ୍.ଆର୍. ଭଟ୍ଟ, ପି. ଚୌଧୁରୀ, ପି.ଆର୍. ରାମାସେଶ ଏବଂ ଆର୍.ପି. ୱାଧୱାନୀ ।**

**ନ୍ୟାୟମୂର୍ତ୍ତି, ରଙ୍ଗନାଥ ମିଶ୍ରଙ୍କ** ଦ୍ୱାରା ରାୟ ପ୍ରଦାନ କରାଯାଇଥିଲା ।

ଏଗୁଡ଼ିକ ହେଉଛି ବିଶେଷ ଅନୁମତି ଦ୍ୱାରା ଆବେଦନ, ପ୍ରଥମଟି ମୁଖ୍ୟ ପ୍ରତିଦ୍ୱନ୍ଦୀ ନାଗରାଜାଙ୍କ ଦ୍ୱାରା ଏବଂ ଦ୍ୱିତୀୟଟି କର୍ଣ୍ଣାଟକ ରାଜ୍ୟ ପ୍ରଶାସନିକ ନ୍ୟାୟାଧିକରଣଙ୍କ ନିଷ୍ପତ୍ତିକୁ ଆପତ୍ତି କରି କର୍ଣ୍ଣାଟକ ରାଜ୍ୟ ଦ୍ୱାରା, ଯେଉଁଥିରେ ନ୍ୟାୟାଧିକରଣ ଉତ୍ତରଦାତା ସଂଖ୍ୟା 1ଙ୍କ ପରସ୍ପର ମଧ୍ୟରେ ବରିଷ୍ଠତାର ଦାବିକୁ ଗ୍ରହଣ କରିଥିଲେ ।

ରାଜ୍ୟର ଯୁବ ସେବା ନିର୍ଦ୍ଦେଶାଳୟରେ ସହକାରୀ ଏବଂ ଉପ ନିର୍ଦ୍ଦେଶକ ପଦବୀ ରହିଛି । ଆବେଦନକାରୀ ନାଗରାଜ ରାଜ୍ୟ ସରକାରଙ୍କ ଅଧୀନରେ ତା 6.9.1966 ରିଖରେ ଅଧ୍ୟାପକ ଭାବରେ ସେବାରେ ଯୋଗ ଦେଇଥିଲେ ଏବଂ 18 ଅଗଷ୍ଟ, 1976 ରୁ 'ୟୁଥ୍ କର୍ଣ୍ଣାଟକ' ର ସମ୍ପାଦକ ଭାବରେ ପ୍ରତିନିଯୁକ୍ତି ପାଇଥିଲେ । ଏହିପରି ସମ୍ପାଦକ ଭାବରେ କାର୍ଯ୍ୟ କରିବା ସମୟରେ ତାଙ୍କୁ ଯୁବ ନିର୍ଦ୍ଦେଶାଳୟର ସହକାରୀ ନିର୍ଦ୍ଦେଶକ ଭାବେ ସୁନିଶ୍ଚିତ କରାଯାଇଥିଲା । 27 ମାର୍ଚ୍ଚ, 1978 ରେ, ନାଗରାଜଙ୍କୁ ଅସ୍ଥାୟୀ ଭାବରେ ଛଅ ମାସ ପାଇଁ ଉପ ନିର୍ଦ୍ଦେଶକ ଭାବରେ ପଦୋନ୍ନତି ଦିଆଯାଇଥିଲା । 20 ଅକ୍ଟୋବର, 1978 ରେ, ନାଗରାଜଙ୍କୁ ନିୟମିତ ଭାବରେ ଉପନିର୍ଦ୍ଦେଶକ ଭାବରେ ପଦୋନ୍ନତି ଦିଆଯାଇଥିଲା ଏବଂ ତା 22.12.1978 ରିଖରେ ତାଙ୍କ ନିଯୁକ୍ତି ନିୟମିତ ଭାବରେ 27.3.1978 ଠାରୁ କାର୍ଯ୍ୟକାରୀ ହୋଇଥିଲା ।

# ଏନ୍. ନାଗରାଜା ବନାମ ଭି.କେ. ଗୁଡ଼ୋଦଗି [ନ୍ୟାୟମୂର୍ତ୍ତି,ମିଶ୍ର]

ଉତ୍ତରଦାତା ସଂଖ୍ୟା 1, ଗୁଡ଼ୋଦଗି, ତା 28.7.1978 ରିଖରେ ସିଧାସଳଖ ଉପ ନିର୍ଦ୍ଦେଶକ ଭାବରେ ନିଯୁକ୍ତ ହୋଇଥିଲେ । ସେ ତା 7.8.1978 ରିଖରେ ଯୋଗ ଦେଇଥିଲେ ଏବଂ ତା 7.8.1980 ରିଖରେ ଉକ୍ତ ପଦବୀରେ ତାଙ୍କୁ ସୁନିଶ୍ଚିତ କରାଯାଇଥିଲା । ପଦକ୍ରମ ତାଲିକାର ଚିଠା ତା 25.1.1983 ରିଖରେ ପ୍ରକାଶିତ ହୋଇଥିଲା ଯେଉଁଥିରେ ନାଗରାଜଙ୍କୁ ଗୁଡ଼ୋଦଗି ଉପରେ ଦର୍ଶାଯାଇଥିଲା । ତେଣୁ ସେ ନାଗରାଜଙ୍କଠାରୁ ବରିଷ୍ଠତା ଦାବି କରି ଏହି ନିଯୁକ୍ତି ବିରୁଦ୍ଧରେ ନିବେଦନ କରିଥିଲେ ଏବଂ ଯେତେବେଳେ ତାହା ଗ୍ରହଣ କରାଯାଇନଥିଲା ଏବଂ ଚିଠା ତାଲିକାରେ ଦର୍ଶାଯାଇଥିବା ସ୍ଥିତିକୁ ବଜାୟ ରଖି ଡିସେମ୍ବର 14, 1983 ରେ ଚୂଡ଼ାନ୍ତ ପଦକ୍ରମ ତାଲିକା ପ୍ରକାଶିତ ହୋଇଥିଲା, ଗୁଡ଼ୋଦଗି କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟରେ ଏକ ରିଟ୍ ଆବେଦନ ଦାଖଲ କରିଥିଲେ ଯାହା ରାଜ୍ୟ ପ୍ରଶାସନିକ ନ୍ୟାୟାଧିକରଣର କାର୍ଯ୍ୟ ପଦ୍ଧତି ଉପରେ ଏହାକୁ ସ୍ଥାନାନ୍ତର କରାଯାଇଥିଲା ।

ନ୍ୟାୟାଧିକରଣ ପକ୍ଷମାନଙ୍କ ଶୁଣାଣି କରି ନିର୍ଣ୍ଣୟ କରିଛନ୍ତି ଯେ, ଗୁଡ଼ୋଦଗି ନାଗରାଜଙ୍କ ଠାରୁ ବରିଷ୍ଠ ଥିଲେ କାରଣ 27 ମାର୍ଚ୍ଚ 1978 ରେ ନାଗରାଜଙ୍କ ସପକ୍ଷରେ ପଦୋନ୍ନତି ଏକ ଅସ୍ଥାୟୀ ପଦକ୍ଷେପ ଥିଲା ଏବଂ ଛଅ ମାସ ସମାପ୍ତ ହେବା ପରେ, ନାଗରାଜ ପ୍ରକୃତରେ ଉପ-ନିର୍ଦ୍ଦେଶକ ଭାବରେ କାର୍ଯ୍ୟ ଜାରି ରଖି ନଥିଲେ । 1978 ଡିସେମ୍ବରର ଆଦେଶ, ରାଜ୍ୟରେ ପ୍ରଚଳିତ ସ୍ୱତନ୍ତ୍ର ନିୟମକୁ ଦୃଷ୍ଟିରେ ରଖି ନିୟମିତ ପିଛିଲା ଭାବେ ପଦୋନ୍ନତିର ବ୍ୟବସ୍ଥା କରାଯାଇ ପାରି ନଥିଲା । ତେଣୁ, ନ୍ୟାୟାଧିକରଣ ଗୁଡ଼ୋଦଗି ତଳେ ନାଗରାଜଙ୍କୁ ଦର୍ଶାଇ ବରିଷ୍ଠତା ତାଲିକା ପୁନର୍ବାର ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହା ପରେ, ଏହି ଦୁଇଟି ଆବେଦନ ଦାଖଲ କରାଯାଇଛି - ଗୋଟିଏ ନାଗରାଜଙ୍କ ଦ୍ୱାରା ଏବଂ ଅନ୍ୟଟି କର୍ଣ୍ଣାଟକ ରାଜ୍ୟ ଦ୍ୱାରା ।

27 ମାର୍ଚ୍ଚ, 1978 ର ପଦୋନ୍ନତି ଆଦେଶ, ଏହିପରି କୁହେ :

> "କର୍ଣ୍ଣାଟକ ଲୋକସେବା ଆୟୋଗଙ୍କ ସହ ପରାମର୍ଶ ଅପେକ୍ଷାରେ ଯୁବ ସେବା ବିଭାଗର ସହକାରୀ ନିର୍ଦ୍ଦେଶକ, ଶ୍ରୀ ଏନ୍. ନାଗରାଜାଙ୍କୁ ଅସ୍ଥାୟୀ ଭାବେ ପଦୋନ୍ନତି ଦିଆଯାଇ ଯୁବସେବା ବିଭାଗର ଉପନିର୍ଦ୍ଦେଶକ ଭାବେ 900-1750 ଟଙ୍କା ସୋପାନରେ ଛଅ ମାସ ପାଇଁ ଏହି ପଦବୀରେ କାର୍ଯ୍ୟଭାର ଗ୍ରହଣ କରିବା କିମ୍ବା ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ, ଯାହା ପୂର୍ବରୁ ହେବ, କାର୍ଯ୍ୟଭାର ଗ୍ରହଣ କରିବାକୁ କୁହାଯାଇଛି ।

ନ୍ୟାୟାଧିକରଣ ଜାଣିବାକୁ ପାଇଛନ୍ତି ଯେ ନାଗରାଜ 13 ଏପ୍ରିଲ, 1978 ରେ ଉପ ନିର୍ଦ୍ଦେଶକ ଭାବରେ କାର୍ଯ୍ୟଭାର ଗ୍ରହଣ କରିଥିଲେ ଏବଂ ଏହି ଛଅ ମାସର ଅବଧି 13 ଅକ୍ଟୋବର, 1978 ରେ ସମାପ୍ତ ହୋଇଥିଲା । 20 ଅକ୍ଟୋବର, 1978 ରେ ତାଙ୍କର ନିୟମିତ ପଦୋନ୍ନତିର ବିଜ୍ଞପ୍ତି ପ୍ରକାଶ ପାଇଥିଲା । ତେଣୁ, ଅକ୍ଟୋବର 13 ରୁ ଅକ୍ଟୋବର 20 ତାରିଖ ମଧ୍ୟରେ ନାଗରାଜଙ୍କୁ ଉପ ନିର୍ଦ୍ଦେଶକ ଭାବେ ନ୍ୟାୟାଧିକରଣ ଗ୍ରହଣ କରିନାହାନ୍ତି । ସେହି ପରିସ୍ଥିତିର ମୁକାବିଲା କରିବା ପାଇଁ 1978 ମସିହା ଡିସେମ୍ବର 22 ତାରିଖର ଅଧିସୂଚନା ଜାରି କରାଯାଇଥିଲା, ଯେଉଁଥିରେ ଲେଖାଥିଲା :

> "ତା 27.3.1978 ରିଖରେ ଜାରି ହୋଇଥିବା ସରକାରୀ ଅଧିସୂଚନା ଅନୁଯାୟୀ, ଶ୍ରୀ ଏନ୍. ନାଗରାଜା, ଯୁବସେବା ବିଭାଗର ସହକାରୀ ନିର୍ଦ୍ଦେଶକ, 27 ମାର୍ଚ୍ଚ 1978 ଠାରୁ (ଅର୍ଥାତ୍ ଯେଉଁ ଦିନଠାରୁ ତାଙ୍କୁ ପଦବୀରୁ ପଦୋନ୍ନତି ଦିଆଯାଇଥିଲା) ନିୟମିତ ଭାବେ ଯୁବସେବା ବିଭାଗର ଉପ ନିର୍ଦ୍ଦେଶକ ଭାବେ ପଦୋନ୍ନତି ପାଇଛନ୍ତି ........"

ନ୍ୟାୟାଧିକରଣ ଜାଣିବାକୁ ପାଇଛନ୍ତି ଯେ କର୍ଣ୍ଣାଟକ ରାଜ୍ୟ ପ୍ରଶାସନିକ ସେବା (ପଦୋନ୍ନତି, ବେତନ ଏବଂ ପେନସନ ନିୟାମକ) ଅଧିନିୟମ, 1973 ଅନୁଯାୟୀ, ନିୟମ 2 ର ବିଭିନ୍ନ ଖଣ୍ଡ ଅନୁଯାୟୀ ପରିସ୍ଥିତି ନ ଆସିଲେ କୌଣସି ପିଛିଲା ପଦୋନ୍ନତି ଗ୍ରହଣୀୟ ନୁହେଁ । ନ୍ୟାୟାଧିକରଣଙ୍କ ଅନୁଯାୟୀ, ବର୍ତ୍ତମାନର ମାମଲା ନିୟମ 2 ଦ୍ୱାରା ଅନ୍ତର୍ଭୁକ୍ତ ନଥିଲା ଏବଂ ତେଣୁ, 22 ଡିସେମ୍ବର, 1978 ର ଆଦେଶ, ତା 27.3.1978 ରିଖରୁ ଏକ ପିଛିଲା ପଦୋନ୍ନତି ପ୍ରଦାନ କରିବା ଯଥାର୍ଥ ନଥିଲା । ଏହି ଅଧିସୂଚନା ପ୍ରକାଶ ପାଇବା ପରେ, ଗୁଡ଼ୋଦଗି ତା 7.8.1978 ରିଖରୁ ସିଧାସଳଖ ନିଯୁକ୍ତି ପାଇଥିବାରୁ ସେ ବରିଷ୍ଠତା ପାଇବାକୁ ହକଦାର ହେବେ ।

ଓକିଲ ମଣ୍ଡଳୀରେ ଦିଆଯାଇଥିବା ଉପସ୍ଥାପନାଗୁଡିକର ପରିପ୍ରେକ୍ଷୀରେ ନ୍ୟାୟାଧିକରଣଙ୍କ ରାୟକୁ ଆମେ ବିଶ୍ଳେଷଣାତ୍ମକ ଭାବରେ ଅନୁଧ୍ୟାନ କରିଛୁ । ଉପରେ ଉଲ୍ଲେଖ କରାଯାଇଥିବା 1973 ଅଧିନିୟମର ବ୍ୟବସ୍ଥାଗୁଡ଼ିକୁ ମଧ୍ୟ ଆମେ ଦେଖିଛୁ ଏବଂ ନ୍ୟାୟାଧିକରଣଙ୍କ ଦ୍ୱାରା ନିଆଯାଇଥିବା ମତଠାରୁ ଭିନ୍ନ ମତ ରଖିବାର କୌଣସି ଯଥାର୍ଥତା ଦେଖୁନାହୁଁ । ତାରିଖ ଅନୁଯାୟୀ ଘଟଣାକ୍ରମରୁ, ଏକ ଧାରଣା ସୃଷ୍ଟି ହୁଏ ଯେ ତା 27.3.1978 ରିଖ ଏବଂ ତା 22.12.1978 ରିଖ ମଧ୍ୟରେ ବଦଳି ଆଦେଶ ଦେଇ ନାଗରାଜଙ୍କୁ ଗୁଡ଼ୋଦଗି ଉପରେ ରଖିବାକୁ କରିବାକୁ ଚେଷ୍ଟା କରାଯାଇଥିଲା । ସହକାରୀ ନିର୍ଦ୍ଦେଶକ ଭାବେ ସୁନିଶ୍ଚିତ ହେବା ପରେ ମଧ୍ୟ ନାଗରାଜ 'ଯୁବ କର୍ଣ୍ଣାଟକ' ର ସମ୍ପାଦକ ଥିଲେ ଏବଂ ନ୍ୟାୟାଧିକରଣ ଲିପିବଦ୍ଧ କରିଛନ୍ତି ଯେ ସେ କେବେ ସହକାରୀ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିନଥିଲେ । ଏହି ମାମଲାର ବ୍ୟାପକ ଦିଗକୁ ବିଚାରକୁ ନେଇ ଆମେ ସନ୍ତୁଷ୍ଟ ଯେ ନ୍ୟାୟାଧିକରଣ ଯେଉଁ ଉପସଂହାରରେ ପହଞ୍ଚିଛନ୍ତି ତାହା ଭୁଲ ବୋଲି କୁହାଯାଇପାରିବ ନାହିଁ ଏବଂ ସେଥିପାଇଁ ଏଥିରେ କୌଣସି ହସ୍ତକ୍ଷେପ ଆବଶ୍ୟକ ନାହିଁ ।

ଆବେଦନଗୁଡ଼ିକୁ ଖାରଜ କରିଦିଆଯାଇଛି । ଖର୍ଚ୍ଚ ସମ୍ବନ୍ଧରେ କୌଣସି ଆଦେଶ ରହିବ ନାହିଁ ।

ଏନ୍.ଭି.କେ. ଆବେଦନ ଖାରଜ ହେଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

*<u>ଭାଷାନ୍ତର :</u>*

ରଶ୍ମିତା ମୁର୍ମୁ ,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ , କଟକ ।